# ଭଗବତୀ

କବି ରଘୁନାଥ ଦାସ

ତନ୍ଦ୍ରା ପୋଛି ନୟନରୁ କିଏ ହେ ଜାଗିଲ!

ଏବେ ବି ତ ରାତ୍ରି ଅଛି ଅତୀବ ଗଭୀର,

ମୃତ୍ୟୁସମ ଆଶାଶୂନ୍ୟ, ତିମିର ଆଚ୍ଛନ୍ନ...

ଏ ନିଶୀଥେ ହେ ଆଶ୍ଚର୍ଯ୍ୟ ମୁକ୍ତିର ସମନେ !

ପ୍ରଭାତରେ ବହୁ ପୁର୍ବେ ତୁମରି ଉଦୟ

ଉଷାର ସପନେ ଦୀପ୍ତ ତୁମେ ଜ୍ୟୋତିର୍ମୟ

ଆଲୋକର ଅଗ୍ରଦୂତ ତୁମେ ଶୁକ୍ରତାରା,

ତୁମେ ବନ୍ଧୁ ଜାଗୃତିର ପହିଲି ଡ଼ାକରା ।

ପଟିଆର ପ୍ରଜା ଆମେ, ଗଞ୍ଜାମ ରଇତ,

ଦଶପଣି ଭାଗ ପୁଣି ସାଲ ଭରି କୁତ...

(ଦୁଃଖେ ତାର ଫାଟିପଡେ ଧାର ଧାର ଲୁହ;)

ପାଞ୍ଚପ୍ରାଣୀ ନିର୍ଭାହେବୁଁ କି ଉପାୟ କୁହ ।

ଚାଷୀର ଅତୁଟ ମେଣ୍ଟ, ହସିଉଠେ ଗାଆଁ,

ତୁମରି ସେ ପରିଚୟ କିଶାନର ଦାଆ ।

www.jatayu.org

# ଭଗବତୀ

କବି ରଘୁନାଥ ଦାସ

ବ୍ୟଥିତ ବୁକୁର ସଖା, ନୟନର ବାରି

ଅସହାୟ ଜନଗଣ ପ୍ରାଣର ସଙ୍ଗାଳି ।

'ଯତନ ଉଆସ' ଲାଗି ଆମେ ହେଲୁଁ ମଡ଼ା,

ବେଠିକି ସାଇତି ଲାଠି, ପିଠିକି କୋରଡ଼ା,

ହାହାକାରେ ଥରିଉଠେ, ବ୍ରହ୍ମାଣୀର ସୁଅ

ତାଳଚେର ନୁହେଁ ଏତ-ରାକ୍ଷସର ବ୍ୟୂହ ।

ଅନ୍ୟାୟର ତୁମେ ଥିଲ ତୀବ୍ର ପ୍ରତିବାଦ,

ଅତ୍ୟାଚାର ପ୍ରତିପକ୍ଷେ ଚରମ ଆଘାତ,

ଅବିଚାରେ ବିଦ୍ରୋହର ସ୍ଫୁରନ୍ତ ଅନଳ,

ବିପ୍ଳବୀର ହାତେ ତୁମେ ଜଳନ୍ତା ମଶାଲ ।

ପେଟ ଲାଗି ଚଟକଲେ ଚୁପୁଡ଼ିଲୁ ରକ୍ତ,

ତଥାପି ସପନ ଲାଗେ ଦିନ ଦୁଇ ବକ୍ତ,

ମୁଣ୍ଡପରେ ଝୁଲୁଛି ତ ଛଟେଇର ଖଣ୍ଡା;

କହିବାକୁ ଜୁଉନାହିଁ, କରିଦେବ ଥଣ୍ଡା ।



www.jatayu.org

# ଭଗବତୀ

କବି ରଘୁନାଥ ଦାସ

ଶ୍ରମିକର କଣ୍ଠେ ତୁମେ ଏକତା ଆବାଜ,
ସାମ୍ୟମନ୍ତ୍ରେ ସଞ୍ଜୀବିତ ନୂତନ ସମାଜ,
ଶୋଷିତର ଲାଲ-ନେତ, ମୁକ୍ତିର ନିଶାଣ
ସହସ୍ର ସଂଗ୍ରାମ-ସିକ୍ତ, ତେବେ ବି ଅମ୍ଳାନ ।

ଦୁର୍ଭିକ୍ଷର କଳା ଝଡ଼ ଗର୍ଜେ ସାଇ ସାଇଁ
ତୃଣ ସମ ଲୋଟିଗଲା ସାରା ଭୋଗରାଇ,
ଭାତ ଦିଅ, ହାତ ପାତି ମାଗେ ବାଲେଶ୍ବର
ଧାନ କାହିଁ? ଦେଶସାରା ପଡ଼ିଛି ଚହଳ ।

ନିରନ୍ନ ଜନତା ମେଳେ ବଞ୍ଚିବାର ଦାବି;
ମହଜୁତ୍‌କାରୀର କି ଗନ୍ତାଘର ଚାବି ।
କଙ୍କାଳର ଲାଗି ତୁମେ ବାର୍ତ୍ତା ଜୀବନର,
ଭଗବତି! ଭୋକିଲାର ବିକଳ ଅନ୍ତର ।

ଜୀର୍ଣ୍ଣ କୁଟୀରର କୋଣେ ମୌନ କରୁଣତା

www.jataayu.org

# ଭଗବତୀ

କବି ରଘୁନାଥ ଦାସ

କୁଲି ହୋଇ ପରବାସେ ଗାଆଁର ମମତା,

ଟିଣ ଖପରୁଲି ତଳେ ତିକ୍ତ ଅସନ୍ତୋଷ...

ଦଳିତ ବକ୍ଷଭରି ପୁଞ୍ଜୀଭୂତ ରୋଷ ।

ତୁମେ ତା'ର ଅଭିବ୍ୟକ୍ତି, ଅବ୍ୟକ୍ତର ଭାଷା,

ଆଗାମୀର ଚିତ୍ରକାର ।ଅନ୍ଧକାରେ ଆଶା,

କୋଟିଏ ପ୍ରାଣର ଏହା ମୂର୍ତ୍ତ ପ୍ରତିଛବି,

ମୂକ ଜନତାର ଆହେ ପ୍ରାଣବନ୍ତ କବି ।

ତୁମେ ଥିଲ ବଡ଼ ଦାଗୀ, ପୂରା ବେଆଇନ;

ହୁକୁମ, ପୁଲିସି, ଲାଠି ଶୃଙ୍ଖଳ, ସଙ୍ଗିନ୍

ସଦମ୍ଭେ କରିଲୁ ସବୁ ଦୃଢ଼ ଅସ୍ବୀକାର

କମ୍ୟୁନିଷ୍ଟ ।ଆତଙ୍କରେ ଥରେ ସରକାର ।

ପ୍ରଗତିର ପଥେ ପଥେ ଆଗୁଚଲା ସାଥୀ ।

ତୁମରି ଶପଥ ନିଏ ତୁମ ପ୍ରିୟ ମାଟି

ଜାଗିଉଠେ ମୁକ୍ତିମନ୍ତ୍ରେ ଏ ମୁମୂର୍ଷୁ ଜାତି,



www.jatayu.org

ଜିନ୍ଦାବାଦ ଉତ୍କଳର କମ୍ୟୁନିଷ୍ଟ ପାର୍ଟି ।

ଜିନ୍ଦାବାଦ ମୃତ୍ୟୁହୀନ ବୀର ଭଗବତି ।

(୧୯୫୦-୫୨ ସାଲ ମଧ୍ୟରେ ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ତତ୍କାଳିନ ମୁଖପତ୍ର 'ସଂଧାନ' ରେ ପ୍ରକାଶିତ ହୋଇଛି ବୋଲି ଲେଖକଙ୍କ ଠାରୁ ପ୍ରକାଶ)

www.jataayu.org